**୪ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପର୍ଯ୍ୟଟନ ମନ୍ତ୍ରୀ**

ଜଳେଶ୍ୱର,(ରବିନାରାୟଣ ପାତ୍ର)-ରାଇବଣିଆ ଅଞ୍ଚଳରେ ଯାତାୟାତ ଲାଗି ଖାଲଗୁଡିକ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହାର ସମାଧାନ ପାଇଁ ୪ଟି ଖାଲ ଉପରେ ସେତୁ ନିର୍ମାଣ ଲାଗି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଖୁଆର୍ଡି ପଞ୍ଚାୟତର ନାଉରିଆ ଖାଲ, ହଳଦୀଗୁଣ୍ଡି ଖାଲ, ମାଟିଆଳି ଖାଲ ଓ ରଜାବନ୍ଧ ନିକଟ ମିନାଖାଲ ଉପରେ ସେତୁ ନିର୍ମାଣ ଲାଗି ମୋଟ ୪ କୋଟି ୫୬ ଲକ୍ଷ ୪୩ ହଜାର ୭୭୨ଟଙ୍କା ବ୍ୟୟବରାଦ ହୋଇଥିବା ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି। ଶନିବାରଠାରୁ ନିର୍ମାଣ ଆରମ୍ଭ ହୋଇଛି, ୨୦୧୪ ସେପ୍ଟେମ୍ବର ୧୫ ରେ ଶେଷ ହେବ।



## ସଂକ୍ଷେପରେ

### 'ଜଙ୍ଗଲ ସୁରକ୍ଷିତ ରହିଲେ ଜୀବଜଗତ ସନ୍ତୁଳିତ ରହିବ'

ପାଟଣା,୧୭।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପରିସରରେ ଶୁକ୍ରବାର ପାଟଣା, ସଦର, ଘଟଗାଁ ଓ ସାହାରପଡ଼ା ବ୍ଲକ୍ ବନାଞ୍ଚଳକୁ ନେଇ ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଏବଂ କ୍ଷତିପୂରଣ ନେଇ ବିଭିନ୍ନ ବିଭାଗ ଓ ଲୋକ ପ୍ରତିନିଧିଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ମୁଖ୍ୟ ବକ୍ତାଭାବେ ଏସିଏଫଓ ଜିତେନ୍ଦ୍ର ବେହେରା ଯୋଗଦେଇ ଜଙ୍ଗଲ ସୁରକ୍ଷିତ ରହିଲେ ଜୀବଜଗତ ସନ୍ତୁଳିତ ରହିବ ବୋଲି ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥିଭାବେ ୨୯ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ବୁଦ୍ଧେଦେବ ମହାକୁଡ଼, ପାଟଣା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ପାଟଣା ବନପାଳ ପିଅନ ନାଏକ, କ୍ଷୀରେଇ ଟାଙ୍ଗିରି ବନପାଳ ଶିବନାରାୟଣ ଦେଓ, ଅଗ୍ନିଶମ ବିଭାଗର ସୁଶାନ୍ତ ନାଏକ, ଚାନ୍ଦରାଇ ସୋରେନ, ପଶୁ ଧନ ଚିକିତ୍ସକ ଡା. ରାଜେଶ ଜେନା, ପାଟଣା ସେକ୍ସନ ବିଦ୍ୟୁତ୍‌ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ର, ସାହାରପଡ଼ାର ଆଶୁତୋଷ ସାହୁ, ଖବରଦାତା ନୃସିଂହ ନାଥ ସିଂ, ଉମେଶ ଭୂୟାଁଙ୍କ ସମେତ ୪ ବ୍ଲକର ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାହାରପଡ଼ା ବନପାଳ ଭୂପତି ସେଠୀ ସଂଯୋଜନା କରିଥିଲେ। ହାତୀ ଉପରେ ଗବେଷଣା କରୁଥିବା ପ୍ରଶିକ୍ଷକ ବିପିନ ପ୍ରଧାନ ଗୋବର ଓ ଲଙ୍କା ଦ୍ୱାରା ପ୍ରସ୍ତୁତ ଏକ ଗୁଡୁକାକୁ ବ୍ୟବହାର କରିବା ଦ୍ୱାରା ହାତୀମାନେ କିଭଳି ଗାଁକୁ ପ୍ରବେଶ କରି ନପାରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ।

### ବନ୍ଧୁକ ଦେଖାଇ ଲୁଟିନେଲେ ୩ ଲକ୍ଷ ୭୦ହଜାର

ବାହାନଗା, ୧୮।୧୧(ଅରୂପ୍ କୁମାର ଦାସ)-ବାଲେଶ୍ୱର ଜିଲା ଖନ୍ତାପଡା ଥାନା ବାଲେଶ୍ୱର -ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡର କାନକଟା କଣ୍ଟିଆଚିରା ପୋଲ ନିକଟରେ ବନ୍ଧୁକ ମୁନରେ ଜଣେ ବ୍ୟବସାୟୀଙ୍କଠାରୁ ୩ ଲକ୍ଷ ୭୦ହଜାର ଟଙ୍କା ଓ ଗହଣା ଲୁଟ୍ ହୋଇଥିବା ଖନ୍ତାପଡା ଥାନାରେ ଅଭିଯୋଗ ହୋଇଛି। ସୋରସ୍ଥିତ ଓଁ ନମଃ ଶିବାୟ ଏଣ୍ଟରପ୍ରାଇଜେସ୍ ସିମେଣ୍ଟ ଗୋଦାମର କର୍ମଚାରୀ ସୋର ଅଞ୍ଚଳର ଦିଲୀପ କୁମାର ଦାସ(୩୦) ଶୁକ୍ରବାର ରାତିରେ ଟଙ୍କା କଲେକ୍ସନ କରି ଫେରୁଥିବା ବେଳେ କଣ୍ଟିଆଚରା ପୋଲ ନିକଟରେ ୨ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ଦିଲୀପଙ୍କୁ ଅଟକାଇଥିଲେ। ସେଥିରୁ ଜଣେ ଦୁର୍ବୃତ୍ତ ଦିଲୀପଙ୍କ ବାଇକ୍‌ରେ ବସି ପଛପଟୁ ବନ୍ଧୁକ ଲଗାଇ ରାସ୍ତା ପାର୍ଶ୍ୱରେ ଥିବା ପୋଲ ନିକଟରେ ପ୍ରାୟ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକ ରଖିବା ପରେ ତାଙ୍କ ନିକଟରୁ ମୋବାଇଲ ଫୋନ, ୨ ଗୋଟି ସୁନା ମୁଦି ଏବଂ କଲେକ୍ସନ୍ କରି ଆଣିଥିବା ୩ ଲକ୍ଷ ୭୦ ହଜାର ଟଙ୍କାକୁ ଛଡାଇ ନେଇଥିଲେ। ଦିଲୀପ ଭୟରେ ଦୌଡି ନିକଟସ୍ଥ ଏକ ଦୋକାନକୁ ପଳାଇଥିଲେ। ସେହି ଦୋକାନରୁ ମାଲିକଙ୍କୁ ଫୋନ କରିବା ସହିତ ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ।

# ଚୁକ୍ତି ବାତିଲ ସତ୍ତ୍ୱେ ଚାଲିଛି ରାସ୍ତା କାମ

- ୨ ଦିନରେ ଉଠିଯାଉଛି ପିଚୁ
- ଫାଟିଯାଉଛି କଂକ୍ରିଟ ରାସ୍ତା

ଖଇରା, ୧୮।୧୧(ଉତ୍କଳବନ୍ଧୁ ପଣ୍ଡା)



ରାସ୍ତା ନୂଆ କରାଯିବାର ୨ଦିନ ମଧ୍ୟରେ ବିଛାଡି ହୋଇପଡିଥିବା ପିଚୁ।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ସମୟରେ ଠିକାଦାର କାମ ଆରମ୍ଭ ନ କରିବା, ଶ୍ରମ ଲାଇସେନ୍ସ ପ୍ରଦାନ ନ କରିବା, ବୀମାର ସମୟ ସୀମା ଶେଷ ହୋଇଥିବାରୁ ଠିକାଦାରଙ୍କ ଚୁକ୍ତି ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ ବାତିଲ କରାଯାଇଥିଲେ ହେଁ ଠିକାଦାର ଏଥିରୁ ଓହରିବା ପରିବର୍ତ୍ତେ କାମ ଜାରିରଖିଛନ୍ତି। ରାସ୍ତା ମରାମତିର ୨ଦିନ ମଧ୍ୟରୁ ପିଚୁ ଉଠିଯାଉଥିବା ବେଳେ କଂକ୍ରିଟ ରାସ୍ତା ମଧ୍ୟ ଫାଟିବାକୁ ଆରମ୍ଭ କଲାଣି। ଏମିତିକି ଚୁକ୍ତି ବାତିଲ ଚିଠି ପରେ ମହତୀପୁର-ସୁଣ୍ଡିରା ଓ ମଳିହା-ଆଳଦା ଭଳି ରାସ୍ତାର ମରାମତି କାମ ଆରମ୍ଭ କରିଛନ୍ତି। ସେହିଭଳି ଆଳଦା-କଇଥଗଡିଆ ଓ ଓଖାପୋଖରୀ-ଅଡା ପ୍ରଧାନମନ୍ତ୍ରୀ ସଡକକୁ ବେପରୁଆ ଢଙ୍ଗରେ ନିଜ ଇଚ୍ଛା ମୁତାବକ କରୁଥିବାରୁ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉକ୍ତ ଠିକାଦାରଙ୍କ ଲାଇସେନ୍ସକୁ ସବୁଦିନ ପାଇଁ ବାତିଲ କରିବାକୁ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅଜୟ କୁମାର ବେହେରା ଓ ସୁଣ୍ଡିରା ସରପଞ୍ଚ ମମତାରାଣୀ ପରିଡା ପ୍ରମୁଖ ଦାବି କରିଛନ୍ତି। ଉପରୋକ୍ତ ୭ ରାସ୍ତା ମଧ୍ୟରୁ ୫ଟି ରାସ୍ତାର ମରାମତି ପାଇଁ ୧କୋଟି ୯୫ ଲକ୍ଷ ଟଙ୍କା, ଓଖାପୋଖରୀ-ଅଡା ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ପାଇଁ ପାଖାପାଖି ୫ କୋଟି ୫୦ଲକ୍ଷ, ଆଳଦା-କଇଥଗଡିଆ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ପାଇଁ ୨ କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏ ସମସ୍ତ ରାସ୍ତାର କାର୍ଯ୍ୟାଦେଶ ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। ମରାମତି ହେବାକୁ ଥିବା ସୁଣ୍ଡିରା-ଗଣ୍ଡିବେଡ, ରାଣୀତାଳ-କୁପାରୀ ରାସ୍ତାରୁ କଲ୍ୟାଣି, ରାଣୀତାଳ-କୁପାରୀ ରାସ୍ତାରୁ ମୁଳାପଦା ଓ ପଳସା-ଆଳଦା ରାସ୍ତା ପାଇଁ ୩ ଡିସେମ୍ବର୨୦୨୨ ତାରିଖରେ ବିଭାଗ ସହ ଠିକାଦାରଙ୍କ ଚୁକ୍ତି ହୋଇଥିବା ବେଳେ ଅନ୍ୟ ୨ ପ୍ରଧାନମନ୍ତ୍ରୀ ସଡକ ପାଇଁ ୨୦୨୨ ଅକ୍ଟୋବର ୨୧ରେ ଚୁକ୍ତି ହୋଇଥିଲା। ହେଲେ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ନିର୍ଦ୍ଧାରିତ କାମ ଆରମ୍ଭ ନ କରିବାରୁ ବାରମ୍ବାର ତାଗିଦ୍ ଏବଂ ବହୁ ପର୍ଯ୍ୟାୟର ନୋଟିସକୁ ମଧ୍ୟ ଗୁରୁତ୍ୱ ନ ଦେବା ପରେ ବାଧ୍ୟ ହୋଇ ଗ୍ରାମ୍ୟ ଉନ୍ନୟନ ବିଭାଗ କ୍ଲଜ ୫୨ରେ ଚୁକ୍ତି ନାକଚ କରିଥିଲେ। ବର୍ତ୍ତମାନ ଶ୍ରମ ଲାଇସେନ୍ସ ନ ଥିବା ବେଳେ ରାସ୍ତାରେ ନିୟୋଜିତ ଥିବା ଶହ ଶହ ଶ୍ରମିକଙ୍କ ଜୀବନ ଅସୁରକ୍ଷିତ ହୋଇପଡିଛି। ତୁରନ୍ତ ଠିକାଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଦାବି କରିଛନ୍ତି। ଚୁକ୍ତି ବାତିଲ ପରେ କାହିଁକି କାମ କରୁଛନ୍ତି ବୋଲି ରାସ୍ତାରେ ନିୟୋଜିତ ଜଣେ ସୁପରଭାଇଜରଙ୍କୁ ପଚାରିବାରେ ସେ ତୁରନ୍ତ କାମସାରି ଅଦାଲତ ମାଧ୍ୟମରେ ଅର୍ଥ ଉଠାଇବାରେ କିଛି ଅସୁବିଧା ହେବ ନାହିଁ ବୋଲି ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସେଠୀଙ୍କୁ ଯୋଗାଯୋଗ କରିବାରେ ସେ ଏବେ ନୂଆ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଫାଇଲ ଅନୁଧ୍ୟାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ ବୋଲି କହିଛନ୍ତି।

## ବ୍ଲକ କାର୍ଯ୍ୟାଳୟ ଘେରିଲେ ଭାଜପା ନେତା, କର୍ମୀ




ବାଲେଶ୍ୱର(ମାନସ ବିଶ୍ୱାଳ)/ନୀଳଗିରି (ପ୍ରଶାନ୍ତ କୁମାର ବିଶ୍ୱାଳ) , ୧୮।୧୧

ରାଜ୍ୟରେ ବିଜେଡି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାର ଓ ପିସି କାରବାର ବିରୋଧରେ ବାଲେଶ୍ୱର ସଦର ଭାଜପା ପକ୍ଷରୁ ଜନ ଆକ୍ରୋଶ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଭାଜପା ପ୍ରଦେଶ ସଭାପତି ମନମୋହନ ସାମଲଙ୍କ ଆହ୍ୱାନକ୍ରମେ ନଭେମ୍ବର ୧୪ରୁ ୧୮ ତାରିଖ ସମଗ୍ର ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯାଉଥିବା ବେଳେ ଅନୁରୂପ ଭାବେ ବାଲେଶ୍ୱର ସଦର ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପା ନେତା ଓ କର୍ମୀମାନେ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ନେତା ରବିନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ ସଭାରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ବିଜେଡି ସରକାର ପଞ୍ଚାୟତିରାଜର ସମସ୍ତ କ୍ଷମତା ଛଡାଇ ନେଇଥିବା ଅଭିଯୋଗ ଉଠାଇଥିଲେ। ପଲ୍ଲୀସଭା ଓ ଗ୍ରାମସଭା ଅଥବା ନିର୍ବାଚିତ ଜନପ୍ରତିନିଧିଙ୍କ ମତାମତ ନ ନେଇ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ପ୍ରକଳ୍ପଗୁଡିକୁ ଅନୁମୋଦନ କରିବା ଅର୍ଥ ଗଣତନ୍ତ୍ରର କଣ୍ଠରୋଧ କରିବା ସହିତ ସମାନ ବୋଲି ଏମ୍‌ପି ଷଡଙ୍ଗୀ କହିଥିଲେ। ସଦର ଭାଜପା ନେତା ମାନସ କୁମାର ଦତ୍ତ ଏହି ଆନ୍ଦୋଳନର ନେତୃତ୍ୱ ନେବା ସହିତ ଦଳର ୭ଦଫା ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ପଞ୍ଚାୟତକୁ ୫୦ଲକ୍ଷ ଅନୁଦାନ ଏକ ନିର୍ବାଚନୀ ଥୋପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଜୀବନ ପ୍ରଦୀପ ଦାଶ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଜିଲା ସମ୍ପାଦକ ଆଶିଷ ଘୋଷ ଧନ୍ୟବାଦ ଦେଇଥିଲେ। ସେହିପରି ନୀଳଗିରି ବ୍ଲକ ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ୩ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଓ ଜନସାଧାରଣ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରୁ ରାଲିରେ ବାହାରି ବ୍ଲକ ନିକଟରେ ପହଞ୍ଚି ଘେରାଉ କରିଥିଲେ। ସମର ଶଙ୍କର କାନୁନଗୋ ମଞ୍ଚ ପରିଚାଳନା କରିଥିଲେ। ଭାଜପାର ଜିଲା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ନାରୀ ନେତ୍ରୀ ରେଣୁ ବିଶ୍ୱାଳ, ବରିଷ୍ଠ ନେତା ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ ରନ୍-ଏ-ଥନ୍‌କୁ ନେଇ ଉତ୍ସାହ

ଯୋଡ଼ା,୧୮।୧୧(ମାନସ ମହାନ୍ତି)




ରାସ୍ତାକଡ଼ରେ ଲାଗିଥିବା ହୋର୍ଡିଂ।

କେନ୍ଦୁଝର ଜିଲା ଯୋଡ଼ା ସହରରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମାନର ବୃତ୍ତିଗତ ଦୌଡ଼ 'ରନ୍-ଏ-ଥନ୍' ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ସାରା ସହରରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନଭେମ୍ବର ୨୬ ରେ ଯୋଡ଼ାସ୍ଥିତ ସେଣ୍ଟ୍ରାଲ ଖେଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ସମଗ୍ର ଦେଶରୁ ପ୍ରାୟ ୪୦୦୦ ଧାବିକା, ଧାବକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଉନ୍ନତ ପ୍ରଦର୍ଶନ ଲାଗି ବୃତ୍ତିଗତ ଧାବିକା, ଧାବକ ଓ ସ୍କୁଲ ଛାତ୍ରୀଛାତ୍ର ସେଣ୍ଟ୍ରାଲ ଖେଳପଡ଼ିଆ ଓ ଭିଟି କେନ୍ଦ୍ର ପଡ଼ିଆରେ ସକାଳ ଓ ସନ୍ଧ୍ୟାରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳୁଛି। ଏଥିସହ ଦୌଡ଼ ସମ୍ପର୍କିତ ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ସହର ସାରା ଲଗାଯାଇଛି। ଦୌଡ଼ର ବିଷୟବସ୍ତୁ ରହିଛି 'ଏକ ସବୁଜ ଭବିଷ୍ୟତ ପାଇଁ ଦୌଡ଼'। ପ୍ରକୃତି ପ୍ରତି ଟାଟା ଷ୍ଟିଲ ନିଜର ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏ ଚାରାରୋପଣ କରିବ। ମହିଳା ଓ ପୁରୁଷଙ୍କ ପାଇଁ ୧୦ କିଲୋମିଟର ଓ ୭ କିଲୋମିଟର (୧୫ ବର୍ଷରୁ ଅଧିକ), ବାଳିକା ଓ ବାଳକ (୧୬ ବର୍ଷରୁ କମ) ପାଇଁ ୫ କିଲୋମିଟର ଏବଂ ଦିବ୍ୟାଙ୍ଗଙ୍କ ପାଇଁ ୨ କିଲୋମିଟର ଦୌଡ଼ ଭଳି ତିନୋଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯୋଡା ରନ୍-ଏ-ଥନ୍ ପାଇଁ ପଞ୍ଜୀକରଣ ନଭେମ୍ବର ୧୯ ରବିବାର ବନ୍ଦ ହୋଇଯିବ।

## ଉପଖଣ୍ଡସ୍ତରୀୟ 'ସର୍‌ଗିଫୁଲ': ଭାଗନେଲେ ୪୦୦ ପ୍ରତିଯୋଗୀ

ଉଦଳା, ୧୮।୧୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ବିସିପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଉପଖଣ୍ଡ ସ୍ତରୀୟ ସର୍‌ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି କପ୍ତିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର କୁମାର ଖମାରୀ ଏହାକୁ ଉଦ୍‌ଘାଟନ କରିବା ସହ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉଦଳା ଅତିରିକ୍ତ ମଙ୍ଗଳ ଉନ୍ନୟନ ଅଧିକାରୀ ଲିପିପୁଷ୍ପା ଦାସ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ଯନ୍ତ୍ରୀ ବନମାଳୀ ନନ୍ଦନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସରତ କୁମାର ମଲ୍ଲିକ, ମନୋଜ ଶତପଥୀ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ୧୫ ଆଶ୍ରମ ବିଦ୍ୟାଳୟ, ୧୧ ଉଚ୍ଚ ବିଦ୍ୟାଳୟ, ଉଦଳା ଅନ୍ୟକ୍ଷା ଛାତ୍ରୀନିବାସ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଧାନଘେରାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଭଲିବଲ୍ ପ୍ରତିଯୋଗିତାରେ କମଳି ଉଚ୍ଚ ବିଦ୍ୟାଳୟର ବାଳକ ବିଭାଗ ଓ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ କଟୁରିଆ ବାଳିକା ବିଭାଗ ଚାମ୍ପିୟନ ହୋଇଥିଲେ। ଏଥିସହ ଅନୁଷ୍ଠିତ ବିଜ୍ଞାନ ମେଳାରେ ପ୍ରଥମ ୫ ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶେଷଦେବ ପାତ୍ର ଅତିଥି ପରିଚୟ ଦେଇଥିବା ବେଳେ ବସନ୍ତ କୁମାର ବେହେରା, ଦୀପକ କୁମାର ଦଣ୍ଡପାଟ, ଶତ୍ରୁଘ୍ନ ବେହେରା, ଦେବବ୍ରତ ସାହୁ, ରାଜେଶ ଦାସ, ଶାନ୍ତନୁ ସାହୁ, ବୃନ୍ଦାବନ ପୃଷ୍ଟି, ଚତୁର୍ଭୁଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## 'ସମବାୟ ସଶକ୍ତ ହେଲେ ଅର୍ଥନୀତି ସୁଦୃଢ଼ ହେବ'




ସମବାୟ ସପ୍ତାହ ମହୋତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଭଦ୍ରକ, ୧୮।୧୧(ସନାତନ ରାଉତ)

ସମବାୟ ବ୍ୟବସ୍ଥା ସଶକ୍ତ ହେଲେ ଲୋକଙ୍କ ଅର୍ଥନୀତି ସୁଦୃଢ଼ ହେବ। ସାମାଜିକ ଅର୍ଥନୀତିରେ ସମବାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଏହା ଜରିଆରେ ଚାଷୀ, ମୁଲିଆ, ଗରିବ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା, ସୁବିଧା ସୁଯୋଗ, ସବ୍‌ସିଡ଼ି ସେମାନଙ୍କ ନିକଟରେ ପହଞ୍ଚାଇବା ଲାଗି ପ୍ରଚାର, ପ୍ରସାର ଅପରିହାର୍ଯ୍ୟ ବୋଲି ୭୦ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଉପଲକ୍ଷେ ଶନିବାର ଭଦ୍ରକ ଜିଲାସ୍ତରୀୟ ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶହୀଦ୍ ସ୍ମୃତି ଭବନରେ ଜିଲା ପ୍ରଶାସନ ଓ ସମବାୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଖଣ୍ଡ ଉପ ସହକାରୀ ନିବନ୍ଧକ ଗଜେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ, ବରେଣ୍ୟ ଅତିଥି ଭାବେ ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର, ସମ୍ପାଦକ ଅଶୋକ ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ଉପାଧ୍ୟାୟ, ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ, ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଭଦ୍ରକ ସହକାରୀ ନିବନ୍ଧକ ପ୍ରାଚୀତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଯୋଗେନ୍ଦ୍ର ଘଡ଼େଇ, ସମବାୟ ସମିତି ସଭାପତି ମଳୟ ଜେନା ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ୧୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ନିରୀକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରକାଶଜ୍ୟୋତି ମହାକୁଡ଼, ରମେଶ ଚନ୍ଦ୍ର ଭାରତୀ, ଦାଶରଥି ଜେନା, ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଭାଜପାର ଜନ ଆକ୍ରୋଶ ରାଲି

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ) ଯୋଡ଼ା(ମାନସ ମହାନ୍ତି)/ ଝୁମ୍ପୁରା (ଶଶୀଭୂଷଣ ସାହୁ),୧୮।୧୧

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ପକ୍ଷରୁ ଏକ ଜନ ଆକ୍ରୋଶ ରାଲି ଓ ବ୍ଲକ୍ ଘେରାଉ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ନେତା ଶୋଭାଯାତ୍ରାରେ ସହର ପରିକ୍ରମା କରି ସଦର ବ୍ଲକ୍ ସମ୍ମୁଖରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣ ବାଲା ନାୟକ, କେନ୍ଦୁଝର ଜିଲା ଭାଜପା ଉପସଭାପତି ଗଣେଶ୍ୱର ମହାନ୍ତ, ବରିଷ୍ଠ ଆଇନଜୀବୀ ବିରଜା ମିଶ୍ର, ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହନ୍ତ, ସଦର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ରାମଚନ୍ଦ୍ର ସାହୁ, ଜିଲା ଯୁବ ମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକ, ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଧନଞ୍ଜୟ ମହାନ୍ତ, ପ୍ରମୁଖ ସାମିଲ ହୋଇଥିଲେ।

ଶନିବାର ଭାଜପା ପକ୍ଷରୁ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ବ୍ଲକ୍ ଘେରାଉ କରାଯାଇଥିଲା। ଯୋଡ଼ା ଗଣେଶ ଭବନ ନିକଟରୁ ପଦଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସଭା ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ନେତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ମନୋହର ଶର୍ମା, ସୁକେଶୀ ଓରାମ, କୃଷକ ମୋର୍ଚ୍ଚା ସଭାପତି ରାଧାକାନ୍ତ ମହାନ୍ତ, ୨୮ ନଂ. ଜିଲାପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ଜିଲା ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରକାଶ ମଲ୍ଲିକ,ଏସଟି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସନ୍ୟାସୀ ମାଝୀ, ପୁରୁଷୋତ୍ତମ ଗାଗରାଇଙ୍କ ସମେତ ମଣ୍ଡଳ ସଭାପତି ଓ ଭାଜପା କର୍ମକର୍ତ୍ତା ସାମିଲ ହୋଇଥିଲେ।

ସେହିପରି ଝୁମ୍ପୁରା ଭାଜପା କର୍ମୀ ଓ କର୍ମକର୍ତ୍ତା ଥାନା ଛକରୁ ଶୋଭାଯାତ୍ରାରେ ବ୍ଲକ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସଦର ବିଧାୟକ ତଥା ପିଏସି କମିଟିର ଅଧ୍ୟକ୍ଷ ମୋହନ ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ, ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବିଧାନସଭା ପ୍ରଭାରୀ ରାମଚନ୍ଦ୍ର ସାହୁ, ଜିଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ବିଧାନସଭା ସଂଯୋଜକ ବିବେକାନନ୍ଦ ମହାନ୍ତ, ବିଜୟଲକ୍ଷ୍ମୀ ପାତ୍ର, ଲକ୍ଷ୍ମଣ ରାଉତ, ଭାଗିରଥି ସିଂହଙ୍କ ସମେତ ମଣ୍ଡଳ ସଭାପତିମାନେ ଉପସ୍ଥିତ ରହିଥିଲେ।

## ୫୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ




ବିଜ୍ଞାନ ମେଳା ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

ଧାମନଗର,୧୮।୧୧ (ସନ୍ତୋଷ କୁମାର ମହାପାତ୍ର)

ବର୍ତ୍ତମାନ ବିଜ୍ଞାନଭିତ୍ତିକ ଉପକରଣ ମନୁଷ୍ୟର ଦୈନନ୍ଦିନ ଜୀବନଶୈଳୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବୈଜ୍ଞାନିକମାନେ ନୂତନ ବୈଷୟିକ ଜ୍ଞାନକୌଶଳ ଉଦ୍ଭାବନ କରି ଦେଶକୁ ପ୍ରଗତି ପଥରେ ଆଗେଇ ନେଉଛନ୍ତି ବୋଲି ଭଦ୍ରକ ଜିଲା ଧାମନଗର ବ୍ଲକର ପଳିକିରି ଭଗବାନପୁର ଉଚ୍ଚ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ଅରୁଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଗଦାଧର ଜେନା, ବରେଣ୍ୟ ଅତିଥି ପୂର୍ବତନ ଶିକ୍ଷକ ଲକ୍ଷ୍ମୀଧର ଦାଶ, ଅନ୍ୟତମ ଅତିଥି ଓ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ନାୟକ, ଖବରଦାତା ସନ୍ତୋଷ କୁମାର ମହାପାତ୍ର, ଗଦାଧର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ପ୍ରକଳ୍ପ ନିରୀକ୍ଷକ ଭାବେ ସୌମ୍ୟରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷାବିତ୍ ଅଶୋକ ନାୟକ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ସୁଲୋଚନା ପାଲ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ଦାଶ ପରିଚାଳନା ଓ ବନ୍ଦିତା ଇତିଶ୍ରୀ ବୋଇତାଇ, ଗୁଞ୍ଜରି ରଣା ପ୍ରମୁଖ ସହଯୋଗ କରିଥିଲେ। ବନ୍ଦିତା ସାହୁ ଧନ୍ୟବାଦ ଦେଇଥିଲେ।

## ପାଚିକା ସହାୟିକା ସଂଘର ବିକ୍ଷୋଭ

ଭଣ୍ଡାରିପୋଖରୀ, ୧୮।୧୧(ରବିନାରାୟଣ ଖିଲାର)-ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଶନିବାର ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୭ଦଫା ଦାବି ନେଇ ଶତାଧିକ ବିଦ୍ୟାଳୟର ପାଚିକା ଓ ସହାୟିକା ବ୍ଲକ ଛକଠାରୁ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ସହବନ୍ଧିତ ସଂଘର ଜିଲା ପ୍ରତିନିଧି ରାମଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପ୍ରଧାନ ଯୋଗଦେଇ ପାଚିକା ଓ ସହାୟିକାମାନଙ୍କ ପ୍ରତି ସରକାର ଅମାନବିକ ଭାବ ପ୍ରଦର୍ଶନ କରୁଥିବା କହିଥିଲେ। ଦିଗମ୍ବର ସ୍ୱାଇଁ, ପାଚିକା ସସ୍ମିତା ନାୟକ, ମଞ୍ଜୁଲତା ପଣ୍ଡା, ମାନସୀ ତରାଇ, ଶୁକୁମାରି ସାମଲ, ମଧୁସୂଦନ ଓଝା, ବେଣୁଧର ସାମଲ, ସୁରମା ସାମଲ ପ୍ରମୁଖ ସାମିଲ ଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସାମିଲ ହେବେ ବିଭିନ୍ନ ଲୋକକଳା ସାଂସ୍କୃତିକ ଦଳ

### ଗୋନାସିକା-କେନ୍ଦୁଝର ମହୋତ୍ସବ ପ୍ରସ୍ତୁତି

କେନ୍ଦୁଝର,୧୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଡିସେମ୍ବର ତୃତୀୟ ସପ୍ତାହରେ କାଳୀପଡ଼ିଆଠାରେ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏ ନେଇ ଗୁରୁବାର ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ ନାୟକ, କେନ୍ଦୁଝର ଉପ ଜିଲାପାଳ ରାମଚନ୍ଦ୍ର କିସ୍କୁ, ପିଏଆଇଟିଡିଏ କେନ୍ଦୁଝର ତପନ ନାଏକ, ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ। ନିଷ୍ପତ୍ତି ଅନୁଯାୟୀ ସାଂସ୍କୃତିକ ସମାରୋହରେ ରାଜ୍ୟ ଏବଂ ଦେଶର ବିଭିନ୍ନ ଲୋକକଳା ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବ। ପଲ୍ଲିଶ୍ରୀ ମେଳାରେ ମଧ୍ୟ ରାଜ୍ୟ ଓ ଦେଶର ଶିଳ୍ପୀ, କାରିଗର ଅଂଶଗ୍ରହଣ କରିବେ। ଏହି ଅବସରରେ ଖାଦ୍ୟମେଳା, କବି ସମ୍ମିଳନୀ, ପୁସ୍ତକମେଳା, ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହେବ। ସକାଳେ ଗୋନାସିକାସ୍ଥ ପବିତ୍ର ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଏବଂ ବ୍ରହ୍ମେଶ୍ୱର ମନ୍ଦିର, କେନ୍ଦୁଝରଗଡ଼ସ୍ଥିତ ବଳଦେବଜୀଉ ମନ୍ଦିର, ଘଟଗାଁ ମା'ତାରିଣୀ ମନ୍ଦିର, ଆନନ୍ଦପୁର ଉପଖଣ୍ଡ ସଦର ମହକୁମାସ୍ଥ ଦଧିବାମନଜୀଉ ମନ୍ଦିର, ଚମ୍ପୁଆ ଉପଖଣ୍ଡ ସଦର ମହକୁମାସ୍ଥ ଚନ୍ଦ୍ରଶେଖର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ଜିଲା ସଦର ମହକୁମାସ୍ଥ ମହୋତ୍ସବ ସ୍ଥଳକୁ ଆସିବ। ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଯଥା ଗ୍ରାଉଣ୍ଡ୍ ଓ ଷ୍ଟେଜ୍ କମିଟି, ସାଂସ୍କୃତିକ କମିଟି, ଅଭ୍ୟର୍ଥନା କମିଟି, ପୁସ୍ତକମେଳା କମିଟି, ପ୍ରଚାର କମିଟି, ଅର୍ଥ କମିଟି ଏବଂ ଷ୍ଟିୟରିଂ କମିଟି ସମ୍ପର୍କରେ ବୈଠକରେ ନିଷ୍ପତ୍ତି ନିଆଯାଇଛି।

**BEFORE THE DEBTS RECOVERY TRIBUNAL, RANCHI**
5th Floor, Pragati Sadan (RRDA Building), Kutchery Chowk, Ranchi - 834001
**OA CASE No. 339 of 2021**
BETWEEN
BANK OF BARODA, MAIN BR., JAMSHEDPUR .................. APPLICANT BANK
VS
M/S ARIANA POWER INFRA & OTHERS .................. DEFENDANTS
SUMMONS ISSUED UNDER RULE 23 (VIII) OF THE DEBTS RECOVERY TRIBUNAL (PROCEDURE) RULES, 1993

| Sr. No. | DEFENDANTS | ADDRESS |
|---|---|---|
| 1. | M/S ARIANA POWER INFRA | Office at - 119, Ashiana Trade Centre, 1st Floor, Adityapur, Jamshedpur, District - Saraikela Kharsawan, PIN - 831013. Also at - Plot No. 780 and 781, Village-Satpuri, Tiring, District - Mayurbhanj, Orissa, PIN - 757053. |
| 2. | RAJESH KUMAR YADAV S/o RANGILAAL YADAV | R/o Bahalda, Distirct - Mayurbhanj, Odisha, PIN - 757046. |
| 3. | SARBESWAR MOHANTA S/o LAXMIDHAR MOHANTA | R/o Bankati Ukam, Batakati, Kumudasol, Badampahar, District - Mayurbhanj, Odisha, PIN - 757050. |
| 4. | NEPAL CHANDRA SAHU S/o LATE GADADHAR SAHU | R/o Bazarsahi, Bahalda, District - Mayurbhanj, Odisha, PIN - 757046. |
| 5. | HARILAL SAHU S/o LATE GADADHAR SAHU | |
| 6. | SANJIV KUMAR CHAND S/o SAROJ KUMAR CHAND | R/o C-10 (1), Mansing Bazar, Moti Ganj, Balasore, Odisha, PIN - 756003. |

Whereas, the Applicant has instituted an application u/s 19 of the Recovery of Debts Due to Banks and Financial Institutions Act 1993 against the Defendants for recovery of sum of Rs. 1,81,32,479.00/- (Rupees One Crore Eighty One Lakhs Thirty Two Thousand Four Hundred Seventy Nine Only) together with current and future interest, cost and for other reliefs.
The above mentioned Defendants is/are therefore directed to appear before the Registrar in on 8th day of January, 2024 at 10.30 A.M. as to why the reliefs prayed for should not be granted and to file show-cause in the matter. The notice that in case of default, the application will be heard and determined in your absence.
Given under my hand and seal of this Tribunal on this the 11th Day of October, 2023.
Sd/- D.K. Mahto, Registrar

## ଚୋରି ବେଳେ ମହିଳାଙ୍କୁ ଆକ୍ରମଣ

ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତ ବଡ଼ଗୋପାଳସାହି ବସ୍ତିରେ ମହେଶ୍ୱର ପରିଡ଼ାଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଚୋରି ବେଳେ ମହେଶ୍ୱରଙ୍କ ପତ୍ନୀ ସାବିତ୍ରୀ ଉଠିପଡ଼ିବାରୁ ଚୋରମାନଙ୍କ ମଧ୍ୟରୁ ଜଣେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ସାବିତ୍ରୀଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଚୋରମାନେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରି ନେଇଥିବା ବାସୁଦେବପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଯୁବତୀଙ୍କ ମୃତଦେହ ଜବତ

କୁଳିଅଣା,୧୮।୧୧(ଆଦିକନ୍ଦ ସାହୁ): ମୟୂରଭଞ୍ଜ ଜିଲା କୁଳିଅଣା ଥାନାର ବଡ଼ନୂଆଗାଁ ଗ୍ରାମରୁ ଶନିବାର ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ମୃତା ହେଲେ ବିସିକେଶନ ମାଝୀଙ୍କ ସାନ ଝିଅ ଅଞ୍ଜଳି ମାଝୀ (୨୪)। ସେ ଶୁକ୍ରବାର ରାତିରେ ଖାଇ ସାରି ନିଜ ଶୋଇବା କୋଠରୀକୁ ଯାଇଥିଲେ। ସକାଳୁ ପରିବାର ଲୋକେ ଉଠାଇବାକୁ ଚେଷ୍ଟା କରିଥିବା ବେଳେ ନ ଉଠିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜାଣି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପି.ଏମ.ଆର. ମେଡିକାଲକୁ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୩/୨୩)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଟି. କେ. ମାହାନା କହିଛନ୍ତି।

### ତିନି ହାଇୱା, ଜେସିବି ଜବତ: ୩ ଗିରଫ

ହାଟଡ଼ିହୀ,୧୮।୧୧(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ ଅଧୀନ ସୋସୋ ପୋଲିସ ଶନିବାର ଝଣଝଣାଠାରୁ ମୋରମ ଚୋରା ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଆନନ୍ଦପୁର ବାହିଆ ବଡ଼ଦାଣ୍ଡର ସୋନୁ ମହାନ୍ତ, ଠୁଣିଙ୍ଗା ଗ୍ରାମର ପିଣ୍ଟୁ ନାୟକ, ପୋଡ଼ାସିଙ୍ଗିଡିର ପାଣ୍ଡୁ ମୁଣ୍ଡା। ତାଙ୍କ ନିକଟରୁ ଗୋଟିଏ ଜେସିବି, ୩ ହାଇୱା ଓ ଗୋଟିଏ ବୋଲେରୋ ଜବତ ହୋଇଛି। ଏ ନେଇ ଏକ ମାମଲା( ନଂ. ୧୭୯/୨୦୨୩) ରୁଜୁ ହୋଇଥିବା ଏସ୍ଆଇ ସୁଧୀର ରାଉତ ରାୟ କହିଛନ୍ତି।

### ଗ୍ରାମୀଣ ଉଦ୍ୟୋଗ ପାର୍କ ଉଦ୍‌ଘାଟିତ

ନୀଳଗିରି, ୧୮।୧୧(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବ୍ଲକ ଅଧୀନ ଧୋବଶିଳା ପଞ୍ଚାୟତ ଗୋପୀନାଥପୁରଠାରେ ନବନିର୍ମିତ ଗ୍ରାମୀଣ ଉଦ୍ୟୋଗ ପାର୍କ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଗୋପୀନାଥପୁରଠାରେ ଏକ ପରିତ୍ୟକ୍ତ ସ୍କୁଲକୁ ରୂପାନ୍ତର କରାଯାଇ ଜିଲାର ପ୍ରଥମ ଉଦ୍ୟୋଗ ପାର୍କ ପ୍ରତିଷ୍ଠା କରାଯାଇ ମା' ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଉକ୍ତ ପାର୍କରେ ମିଶନଶକ୍ତି ମା'ମାନଙ୍କ ପାଇଁ ସିଲେଇ, ଧୂପ, ମସଲା, କାଗଜ ଥାଳି, ଫିନାଇଲ ଆଦି ପ୍ରସ୍ତୁତି ଓ ପ୍ରଶିକ୍ଷଣ ଦିଆଯାଉଥିଲା। ଆଗାମୀ ଦିନରେ ଉକ୍ତ ଗ୍ରାମୀଣ ପାର୍କରେ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସହ ପ୍ୟାକେଜିଂ କରାଯାଇ ବିଭିନ୍ନ ଷ୍ଟଲ ତଥା ବାଲେଶ୍ୱରଠାରେ ଥିବା ମିଶନଶକ୍ତି ବଜାରରେ ବିକ୍ରି କରିବା ସହଜସାଧ୍ୟ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଆସନ୍ତା ଦିନରେ ଉକ୍ତ ପାର୍କକୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ନିର୍ମିତ ବିଭିନ୍ନ ଯନ୍ତ୍ରପାତି ଓ ମେଶିନ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ବାଲେଶ୍ୱର ସିଡିଓ ବିଶ୍ୱରଞ୍ଜନ ନାୟକ, ସିଇଓ କୌଶିକ ପାତ୍ର, ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଓଏଲ୍ଏମ୍ ଅର୍ଜୁନ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହି ଉଦ୍ୟୋଗ ପାର୍କରେ ୬ଟି ୟୁନିଟ୍ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ଔପଦା ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

ଔପଦା, ୧୮।୧୧(ଧରିତ୍ରୀ ପଣ୍ଡା)



ବୈଠକରେ ବିଧାୟକ ସୁକାନ୍ତ ନାୟକ, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର ଓ ଅନ୍ୟମାନେ।

ଔପଦା ବ୍ଲକ ଆକାଂକ୍ଷା ଭବନ ସଭାଗୃହରେ ୫ମ ପଞ୍ଚାୟତ ସମିତି ବୈଠକ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଛି। ବଡପୋଖରୀ ପଞ୍ଚାୟତରେ ଭତ୍ତା ଟଙ୍କା ଆତ୍ମସାତ ଘଟଣାରେ ପଦରୁ ଅପସାରଣ କରାଯାଇଥିବା ଅଧିକାରିଣୀଙ୍କୁ ପୁନଃ ସେହି ପଦରେ ଅବସ୍ଥାପିତ କରିବା ନେଇ ଗୃହରେ ଏମ୍‌ପିଙ୍କ ପ୍ରତିନିଧି ଓ ବଡ଼ପୋଖରୀ ପଞ୍ଚାୟତ ସରପଞ୍ଚଙ୍କ ପ୍ରଶ୍ନବାଣରେ ଗୃହ ସରଗରମ ହୋଇଉଠିଥିଲା। ବଡପୋଖରୀ ପଞ୍ଚାୟତରେ ଚଳିତବର୍ଷ ଜୁନ୍ ଓ ଜୁଲାଇରେ ୨ଲକ୍ଷ ୨୪ହଜାର ୭୦୦ ଭତ୍ତା ଟଙ୍କା ଆତ୍ମସାତ ହୋଇଥିବା ତଦନ୍ତ ରିପୋର୍ଟ ଜିଲାପାଳ, ନୀଳଗିରି ଉପଜିଲାପାଳ ଓ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ବିଡିଓ ଅଭିଷେକ ଦାଶ ଅକ୍ଟୋବର ୭ତାରିଖରେ ସମ୍ପୃକ୍ତ ଅଧିକାରିଣୀଙ୍କୁ କ୍ଷମତାରୁ ଅପସାରଣ କରି ବ୍ଲକ ଡବ୍ଲ୍ୟୁଇଓ ନିରଞ୍ଜନ ବେହେରାଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ।

ସରକାରୀ ଅର୍ଥ ଆତ୍ମସାତ ବିରୋଧରେ ବିଡ଼ିଓ ଦାଶ ଅକ୍ଟୋବର ୧୦ତାରିଖରେ ଔପଦା ଥାନାରେ ଅଭିଯୋଗ କରିଥିଲେ। ଏହାର କପି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟ ଅନ୍ତରର ୧ମାସ ୩ଦିନ ପରେ ନୂତନ ବିଡ଼ିଓ ଆଦିକନ୍ଦ ବେହେରା ନଭେମ୍ବର ୧୦ତାରିଖ ପତ୍ର ସଂଖ୍ୟା ୪୩୭୯ ଅନୁଯାୟୀ କାର୍ଯ୍ୟରୁ ଅପସାରଣ କରାଯାଇଥିବା ସମ୍ପୃକ୍ତ ଅଧିକାରିଣୀଙ୍କୁ ପୁନଃ ସେହି ପଦରେ ଅବସ୍ଥାପିତ କରାଯିବାକୁ ନେଇ ବୈଠକରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ସମର ଶଙ୍କର କାନୁନ୍‌ଗୋ ଓ ବଡ଼ପୋଖରୀ ସରପଞ୍ଚ ସୁଭଦ୍ରା ନାୟକ ବିଡ଼ିଓ ବେହେରାଙ୍କୁ କେଉଁ ଆଧାରରେ ଭତ୍ତା ଟଙ୍କା ଆତ୍ମସାତ୍ କରିଥିବା ସମ୍ପୃକ୍ତ ଅଧିକାରିଣୀଙ୍କୁ ସେହି ଆସନରେ ଅବସ୍ଥାପିତ କରାଗଲା ବୋଲି ପ୍ରଶ୍ନ କରିଥିଲେ। ବିଡିଓ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଗୃହରେ ହଟ୍ଟଗୋଳ ହେବାରୁ ଘଟଣାର ପୁନଃ ବିଚାର କରାଯିବ ବୋଲି ବିଡିଓ କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିମ୍ବା ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଥିବା ବେଳେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଉଚିତ୍ ଭାବେ ଆଲୋଚନା କରାଯାଇ କାର୍ଯ୍ୟକାରୀ କରିବାକୁ କହିଥିଲେ। ବିଡ଼ିଓ ଆଦିକନ୍ଦ ବେହେରା ସଭ୍ୟାସଭ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବା ବେଳେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଭାକର ସାହୁ, ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର, ଜିଲାପରିଷଦ ସଭ୍ୟା ମୁନି ସିଂ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ମମତାରାଣୀ ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଓ ଜିତେନ୍ଦ୍ର ସାମଲ ସମିତିର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସେହିପରି ଅଘିରାପଦା ପଞ୍ଚାୟତ ଅଘିରାପଦା ଗ୍ରାମର ସରସ୍ୱତୀ ବିଶ୍ୱାଳ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ଅଗ୍ରୀମ ଟଙ୍କା ନ ପାଇବା ନେଇ ବିଧାୟକ ପ୍ରଶ୍ନ କରିଥିଲେ। ପୂର୍ବ ବୈଠକରେ ସଭ୍ୟାସଭ୍ୟଙ୍କ ମଧ୍ୟରେ ଆଲୋଚନା ନ ହୋଇ ଯୋଜନା ସମ୍ପର୍କରେ ବିବରଣୀ ଖାତାରେ ସ୍ଥାନ ପାଇବାକୁ ନେଇ ଅସନ୍ତୋଷ ଦେଖା ଦେବାରୁ ବିଡିଓ ଆଲୋଚନା କରି ସିଦ୍ଧାନ୍ତ ନେବା ପାଇଁ କହିଥିଲେ।

# ଭଦ୍ରକ, ତିହିଡ଼ି ବ୍ଲକ ଅଫିସ ଘେରିଲା ଭାଜପା

ଭଦ୍ରକ/ତିହିଡ଼ି,୧୮।୧୧(ସନାତନ ରାଉତ/ସଞ୍ଜିତ୍ ବଳ)

ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ପକ୍ଷରୁ ଶନିବାର ଭଦ୍ରକ ବ୍ଲକ ଅଫିସ ଘେରାଉ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ କର୍ମୀମାନେ ଦକ୍ଷିଣେଶ୍ୱରୀ କାଳୀମନ୍ଦିର ନିକଟରେ ଏକତ୍ର ହେବା ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ ଅଫିସ୍ ଆଗରେ ପହଞ୍ଚିଥିଲେ। ସେଠାରେ ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନଆକ୍ରୋଶ ସମାବେଶରେ ରାଜ୍ୟ ସମ୍ପାଦକ ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ଅଭିମନ୍ୟୁ ସେଠୀ, ବିଧାନସଭା ନେତା ଡା. ପ୍ରଦୀପ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ଡ. ସୁଧାଂଶୁ ଶେଖର ନାୟକ, ଜଗନ୍ନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଏକ ପ୍ରତିନିଧି ଦଳ ବିଡିଓ ସୀତାକାନ୍ତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି ତିହିଡ଼ି ଭାଜପା ପକ୍ଷରୁ ନେତା ଓ କର୍ମୀମାନେ ତହସିଲ ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲା ଉପସଭାପତି ଦୁର୍ଗାଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଶାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ି ଚାଲିଥିବା କହିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଯୁବନେତା ଉଦୟ ନାରାୟଣ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ମଙ୍ଗରାଜ ନାୟକ, ଶଶିକାନ୍ତ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରିୟଙ୍କା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।



ଭଦ୍ରକରେ ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ କେନ୍ଦୁଝର ଡିଏମ୍‌ଏଫ୍ ଷ୍ଟଲ୍


ଅତିଥିମାନେ ଡିଏମ୍‌ଏଫ୍ ଷ୍ଟଲ ବୁଲି ଦେଖୁଛନ୍ତି।

କେନ୍ଦୁଝର,୧୮।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନଠାରେ ନଭେମ୍ବର ୧୪ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା(ଆଇଆଇଟିଏଫ) ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ମେଳାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଡିଏମ୍‌ଏଫ ଜିଲା ଭାବରେ ଷ୍ଟଲ୍ ଖୋଲିବା ପାଇଁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା କେନ୍ଦୁଝର ଜିଲାକୁ ଚୟନ କରାଯାଇଛି। ଏ ନେଇ ବିଧିବଦ୍ଧ ନିମନ୍ତ୍ରଣ ପାଇବା ପରେ ଆଇଆଇଟିଏଫର ମାଇନିଂ ପାଭିଲିୟନ ସ୍ଥିତ ହଲ ନଂ ୫ରେ ଡିଏମ୍‌ଏଫ୍ କେନ୍ଦୁଝରର ଷ୍ଟଲ ଖୋଲିଛି। ଷ୍ଟଲ୍‌ରେ ଜିଲାରେ ଡିଏମ୍‌ଏଫ୍ ସହଯୋଗରେ ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପ୍ରଦର୍ଶିତ କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଏଆର୍ ଭିଆର୍ ମାଧ୍ୟମର ବ୍ୟବସ୍ଥା କରାଯାଇଛି। ଏହି ହେଡ୍ ସେଟ୍‌କୁ ମୁଣ୍ଡରେ ପିନ୍ଧି ଷ୍ଟଲ ବୁଲିବାକୁ ଆସୁଥିବା ଲୋକେ ବିଭିନ୍ନ ପ୍ରକଳ୍ପସ୍ଥଳୀର ଗତିଶୀଳ ଏବଂ ଉଜ୍ଜ୍ୱଳ ଥ୍ରୀଡି ଦୃଶ୍ୟ ଦେଖିବାକୁ ପାଉଛନ୍ତି। ସେହିଭଳି ଏଲଇଡି ସ୍କ୍ରିନ ମାଧ୍ୟମରେ ଡିଏମ୍‌ଏଫ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ଉପରେ ପ୍ରସ୍ତୁତ ହୋଇଥିବା ଭିଡିଓ ଡକ୍ୟୁମେଣ୍ଟାରୀକୁ ମଧ୍ୟ ଷ୍ଟଲରେ ପ୍ରଦର୍ଶିତ କରାଯାଉଛି। ଏଥିସହ ସ୍ୱାସ୍ଥ୍ୟ, କ୍ରୀଡ଼ା, ଭିତ୍ତିଭୂମି, ଶିଶୁଯତ୍ନ, ଭିନ୍ନକ୍ଷମ ସଶକ୍ତିକରଣ ଆଦି କ୍ଷେତ୍ର ଉପରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟ ସବୁକୁ ପ୍ରଦର୍ଶିତ କରୁଥିବା ସ୍ୱତନ୍ତ୍ର ଲିଫ୍‌ଲେଟ ଅତିଥିମାନଙ୍କୁ ପ୍ରଦାନ କରାଯାଉଛି। ଭଗାମୁଣ୍ଡା ଟସର ସିଲ୍କ ପାର୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ରେସମ ସାମଗ୍ରୀ, ଟସର ଖୋସାରୁ ପ୍ରସ୍ତୁତ କାନଫୁଲ, କାଗଜ ପ୍ରସ୍ତୁତ ହସ୍ତଶିଳ୍ପ, କୁଲା ଏବଂ ମିଲେଟ ପ୍ରସ୍ତୁତ ବିଭିନ୍ନ ବିସ୍କୁଟ, କେକ୍ ଇତ୍ୟାଦି ଷ୍ଟଲ୍‌ରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଛି। ଚାହିଦାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପର୍ଯ୍ୟାୟରେ ମିଲେଟ ଖାଦ୍ୟସାମଗ୍ରୀ ଦିଲ୍ଲୀ ପଠାଯାଇଛି। ବିକ୍ରି ପାଇଁ ଜିଲାରୁ ଛଅ ଜଣ ମିଶନ ଶକ୍ତି ଏସ୍ଏଚଜି ମା'ଙ୍କୁ ଚୟନ କରାଯାଇଛି। ତିନୋଟି ପର୍ଯ୍ୟାୟରେ ଜିଲା ପ୍ରଶାସନ ତରଫରୁ ଦୁଇଜଣ ଲେଖାଏ ଅଧିକାରୀ ଏବଂ ମିଶନ ଶକ୍ତି ମାଆ ଦିଲ୍ଲୀ ଗସ୍ତ କରିବେ। ଉଦ୍‌ଘାଟନୀ ଦିବସରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ କାନ୍ତା ରାଓ ଡିଏମଏଫ କେନ୍ଦୁଝର ଷ୍ଟଲ ବୁଲି ପ୍ରଶଂସା କରିଥିଲେ।

## ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ
# ଗୀତ ଗାଇଲେ ବିଧାୟକ

ବାସୁଦେବପୁର, ୧୮।୧୧(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକରୋଡ୍ କାଳୀପଡ଼ିଆଠାରେ ଶୁକ୍ରବାର ସନ୍ଧ୍ୟାରେ ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏଥିରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ ଅବସରରେ କହିଥିଲେ, ଓଡ଼ିଆ ଭାଷାକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ସଙ୍ଗୀତ ଏବଂ ଓଡ଼ିଶୀ ନୃତ୍ୟ ତଥା କଳା ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଧାୟକ ଗୀତ ଗାଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ପୌରପାଳିକା ଭାଇସ୍‌ଚେୟାରମ୍ୟାନ ଉତ୍ତମ ବାରିକ୍, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ ଓ ତ୍ରୈଲୋଚନ ସାହୁ ଯୋଗ ଦେଇଥିଲେ। ମମତା ଜେନା ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟ ସମ୍ପାଦକ ଲକ୍ଷ୍ମୀଧର ବେହେରା ସ୍ୱାଗତ ବକ୍ତବ୍ୟ ରଖିଥିଲେ।

# ଦୂର ହେଲା ଲୋ-ଭୋଲଟେଜ ସମସ୍ୟା

ବାଲେଶ୍ୱର, ୧୮।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନ୍‌ଓଡିଏଲ) ଅଧୀନ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଡିଭିଜନ ଅଧୀନ ତିରିଂ ଗ୍ରାମବାସୀଙ୍କ ଦୀର୍ଘଦିନ ଧରି ଲାଗି ରହିଥିବା ଲୋ-ଭୋଲେଟେଜ ସମସ୍ୟା ଦୂର ହୋଇଥିବା ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ରାଇରଙ୍ଗପୁର ଡିଭିଜନ ଅଧୀନ ତିରିଂ ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଟିପିଏନଓଡିଏଲ ପକ୍ଷରୁ ୧୦୦ କେଭି ଟ୍ରାନ୍ସଫର୍ମରରେ ପରିବର୍ତ୍ତନ କରାଯାଇଛି। ଏଣିକି ଏହି ଟ୍ରାନ୍ସଫର୍ମର ଅଧିକ କ୍ଷମତା ସମ୍ପନ୍ନ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲେଟେଜ ସମସ୍ୟା ଦୂର କରିବାରେ ସକ୍ଷମ ହେବ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ବହୁଦିନର ସମସ୍ୟା ମଧ୍ୟ ଦୂର ହେବ। ଏଥିସହ ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରି ନିର୍ମାଣ କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରୟାସରତ ଥିବା ବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିଗୁଡ଼ିକରେ ଅନେକ ପରିବର୍ତ୍ତନ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ବିଦ୍ୟୁତ ସେବା ବିତରଣ ଜିଲାଗୁଡ଼ିକରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ପ୍ରଦାନ କରିଛନ୍ତି।


ତିରିଂ ଗ୍ରାମରେ ଲାଗିଥିବା ୧୦୦ କେଭି ଟ୍ରାନ୍ସଫର୍ମର।

## ଜିଆରଏସଙ୍କୁ ଆକ୍ରମଣ ଘଟଣା
# ଆକ୍ରମଣକାରୀ ଗିରଫ ନହେଲେ ୨୧ରୁ କାର୍ଯ୍ୟବନ୍ଦ

ପାଟଣା,୧୮।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ବାଇକଳା ପଞ୍ଚାୟତ ଜିଆରଏସ ଦୁର୍ଯ୍ୟୋଧନ ମହନ୍ତଙ୍କୁ ଆକ୍ରମଣ ଘଟଣାରେ ଆକ୍ରମଣକାରୀଙ୍କୁ ନଭେମ୍ବର ୨୦ ଶୁଦ୍ଧା ଗିରଫ କରା ନ ଗଲେ ସାହାରପଡ଼ା ବ୍ଲକ୍ ଜିଆରଏସ ସଂଘ ପକ୍ଷରୁ ନଭେମ୍ବର ୨୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ଏ ନେଇ ଶୁକ୍ରବାର ଜିଆଆରଏସ ସଂଘ ସାହାରପଡ଼ା ବିଡିଓ ମାଧବଚନ୍ଦ୍ର ବିରୁଆଙ୍କୁ ଦାବିପତ୍ର ଦେଇଛନ୍ତି। ଜିଆରଏସ ସୁଦର୍ଶନ ପୃଷ୍ଟି, ଦୁର୍ଯ୍ୟୋଧନ ମହନ୍ତ, ରାଜେଶ ମହାନ୍ତ, ନିହାର ରଞ୍ଜନ ମହନ୍ତ, ରତ୍ନାକର ମହନ୍ତ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଜିଆରଏସ୍ ଦୁର୍ଯ୍ୟୋଧନ ଗତ ବୁଧବାର ପଞ୍ଚାୟତ ପାର୍ଶ୍ୱ ଏକ ଜଳଖିଆ ଦୋକାନରେ ବସିଥିବା ବେଳେ ଜଣେ ଯୁବକ ବାଇକଳାରୁ ବାଲିତୋଟା ରାସ୍ତା କାମ କାହିଁକି ହେଉନି କହି ଯୁକ୍ତି କରିଥିଲେ। ଦୁର୍ଯ୍ୟୋଧନ ୨୦ ଟିରୁ ଅଧିକ ମଷ୍ଟର ରୋଲ ସାଇଡ୍‌ରୁ ବାହରୁ ନ ଥିବାରୁ ହୋଇପାରୁନି ବୋଲି କହିଥିଲେ। ପରେ ଯୁବକ ଏକ ବାଉଁଶରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

## ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା

ବାରିପଦା,୧୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ହେମନ୍ତ ଘ ଯୋଗ ଦେଇଥିଲେ। ଇଷ୍ଟଜୋନ ପାଇଁ ଆଡାମାସ ବିଶ୍ୱବିଦ୍ୟାଳୟ, ଜନନାୟକ ଚନ୍ଦ୍ରଶେଖର ବିଶ୍ୱବିଦ୍ୟାଳୟ ବାଲିଆ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ଓ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦିତା ହୋଇଥିଲା। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ୪୧-୩୭ରେ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଜନନାୟକ ଚନ୍ଦ୍ରଶେଖର ବିଶ୍ୱବିଦ୍ୟାଳୟ ବାଲିଆ ୩୬-୩୩ରେ ଆଡାମାସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ ସାହୁ, କୁଳସଚିବ ସହଦେବ ସମାଧିଆ ଓ ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦର କର୍ମକର୍ତ୍ତା ସଞ୍ଜୀବ ତନ୍ତୀ, ଉଜିତ ଦାସ, କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ, ସୀମାନ୍ତ ମହାବିଦ୍ୟାଳୟର ଶ୍ରଦ୍ଧାନନ୍ଦ ସାହୁ, ବାରିପଦା ମହାବିଦ୍ୟାଳୟର ତାପସ ସାମଲ ପ୍ରମୁଖ ସହଯୋଗ କରିଥିଲେ। କବାଡ଼ି ଆସୋସିଏଶନର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ, ଖୋର୍ଦ୍ଧା ଜିଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ବଳଙ୍ଗା ମହାବିଦ୍ୟାଳୟର ଡ. ନୀଳକଣ୍ଠ ମିଶ୍ର, ମାଣିତିରୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅସିତ ପାଲ ସହଯୋଗ କରିଥିଲେ। କ୍ରୀଡ଼ା ମହାକୁମ୍ଭର ସଫଳ ଆୟୋଜନରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର, ମୟୂରଭଞ୍ଜର ଜନସାଧାରଣ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳର କ୍ରୀଡ଼ାବିତ୍।

# ଡିସେମ୍ବର ୨୯ରୁ ଖୋଲିବ ମଣ୍ଡି

■ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
■ଜିଲାର ମିଲରଙ୍କୁ ନିୟୋଜିତ କରିବା ଉପରେ ଗୁରୁତ୍ୱ

ଭଦ୍ରକ,୧୮।୧୧(ସନାତନ ରାଉତ)

୨୦୨୩-୨୪ ଖରିଫ୍ ବର୍ଷ ପାଇଁ ସରକାରୀ ଧାର୍ଯ୍ୟ ଦରରେ ଚାଷୀଙ୍କଠାରୁ ଧାନକ୍ରୟ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୨୯ରୁ ଧାନ ମଣ୍ଡି ଖୋଲିବ ବୋଲି ବୈଠକରେ ସ୍ଥିର ହୋଇଛି। ଜିଲାର ମିଲରମାନଙ୍କୁ ନିୟୋଜିତ କରିବାକୁ ଗୁରୁତ୍ୱାରୋପ କରାଯାଇଛି।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ୍, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ରହି ଧାନକ୍ରୟ ବ୍ୟବସ୍ଥା ପରିଚାଳନା ସମ୍ବନ୍ଧରେ ମତାମତ ପ୍ରକାଶ କରିଥିଲେ। ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଧାନ ସଂଗ୍ରହ ବ୍ୟବସ୍ଥା ପରିଚାଳନା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଧାନକିଣାରେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ବ୍ୟବସାୟୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଉଥିବାରୁ କମିଶନରଙ୍କ ମୂଳ ଉଦ୍ଦେଶ୍ୟ ସଫଳ ହୋଇପାରୁନି ବୋଲି ଭଣ୍ଡାରିପୋଖରୀ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଟୋକନ୍ ପରିମାଣରେ ଟାର୍ଗେଟ୍ ଦିଆଯାଉ ନ ଥିବାରୁ ଟୋକନ୍ ଲାମ୍ବ ହେଉଛି। ଯାହାଦ୍ୱାରା ଚାଷୀମାନେ ବାହାର ବେପାରୀଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି ବୋଲି ଭଦ୍ରକ ବିଧାୟକ କହିଥିଲେ। ଧାନ କ୍ରୟ ପାଇଁ ଗତବର୍ଷ ନିୟୋଜିତ ୫୪ଟି ଏସ୍ଏଚ୍‌ଜି ଓ ୧୦୧ଟି ପାକସ୍ ସମୁଦାୟ ୧୫୫ଟି ଧାନକ୍ରୟ କେନ୍ଦ୍ର ଚଳିତ ବର୍ଷ ଧାନ କିଣିବେ। ଗତବର୍ଷ ଭଦ୍ରକ ଜିଲାରୁ ୨୦ଟି ଓ ଜିଲା ବାହାରୁ ୧୮ଟି ସମୁଦାୟ ୩୮ଜଣ ମିଲର ଥିବା ବେଳେ ଏ ବର୍ଷ ଜିଲାର ୨୧ ମିଲରଙ୍କୁ ଦାୟିତ୍ୱ ଦିଆଯିବା ସହ ଜିଲା ବାହାରୁ ୨୫ ମିଲରଙ୍କୁ ନିଯୁକ୍ତି ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦେଶ ଅଛି। ଧାନ ବିକ୍ରୟ ପାଇଁ ଗତବର୍ଷ ୯୦,୫୨୩ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ଚଳିତବର୍ଷ ୮୩, ୮୬୭ ଜଣ ପଞ୍ଜୀକୃତ ହୋଇଛନ୍ତି। ବନ୍ତ ଅଞ୍ଚଳର ଚାଷୀ ନୃସିଂହ ଚରଣ ପରିଡ଼ା ମଣ୍ଡିରେ ଚାଷୀମାନଙ୍କ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଟୋକନ୍ ଲାମ୍ବ ସମସ୍ୟା ଏଡ଼ାଇବା ପାଇଁ ଠିକ୍ ସମୟରେ ମଣ୍ଡିରୁ ଧାନ ଉଠାଇବା ଦିଗରେ ଧ୍ୟାନ ଦେଲେ କୌଣସି ସମସ୍ୟା ରହିବ ନାହିଁ ବୋଲି ସେ କହିଥିଲେ। ଚଳିତ ବର୍ଷ ପାଇଁ ସାଧାରଣ ଏଫ୍ଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କାରେ କ୍ରୟ କରାଯିବ। ପ୍ରକାଶଥାଉ କି, ଚଳିତବର୍ଷ ଅଦ୍ୟାବଧି ୨୩ ଲକ୍ଷ ୫୨ ହଜାର ୩୫୨ କୁଇଣ୍ଟାଲ ୯୪ କି.ଗ୍ରା. ଧାନକ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ମିଳିଛି।



ଧାନ ସଂଗ୍ରହ କମିଟି ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ, ବିଧାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ସରିଲା ସପ୍ତମାତୃକା ବେଶ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ଭଦ୍ରକାଳୀ



ଭଦ୍ରକ,୧୮।୧୧(ସନାତନ ରାଉତ/ରବିନାରାୟଣ ଖିଲାର)- ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଅନ୍ତିମ ଦିବସରେ ଶନିବାର ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଇଛନ୍ତି। ମହାଲକ୍ଷ୍ମୀ ବେଶ ଦର୍ଶନ ପାଇଁ ସକାଳଠାରୁ ଭକ୍ତମାନଙ୍କର ପ୍ରବଳ ଗହଳି ଲାଗି ରହିଥିଲା। ଏହି ବେଶରେ ମା' ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହେବା ସହ ହଳଦିଆ ପାଟବସ୍ତ୍ର ପରିଧାନ କରିଥିଲେ। ଗଜ ଓ ପେଚା ମା'ଙ୍କର ବାହନ ହୋଇଥିବା ବେଳେ ମୁଖମଣ୍ଡଳ ହଳଦୀବର୍ଣ୍ଣ ହୋଇଥିଲା। ବାମ ହସ୍ତଯୁଗଳରେ ଶଙ୍ଖ ଓ ଗଦା, ଦକ୍ଷିଣ ହସ୍ତ ଯୁଗଳରେ ଚକ୍ର ଓ ପଦ୍ମ ଧାରଣ କରି ଚତୁର୍ଭୁଜା ରୂପେ ଦର୍ଶନ ଦେଇଛନ୍ତି। ମହାଲକ୍ଷ୍ମୀ ବେଶରେ ମା'ଙ୍କୁ ଦର୍ଶନ କଲେ ଭକ୍ତଙ୍କ ମାନସିକ ପୂରଣ ହେବା ସହ ଧନଧାନ୍ୟ, ଲକ୍ଷ୍ମୀ, ଯଶ, ଐଶ୍ୱର୍ଯ୍ୟପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିସହ ପୀଠରେ ସାତଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ପୁରୋହିତ ଗୀତା, ବେଦ ପାଠ କରିବା ସହ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ମଧ୍ୟାହ୍ନରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ।

### ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଶୁ ଚିକିତ୍ସା ତାଲିମ

ବାଙ୍ଗିରିପୋଷି,୧୮।୧୧(ସଞ୍ଜୟ କୁମାର ଅଗ୍ରୱାଲା)-ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିର ବିନୋଦିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଶୁ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମଣିଭଦ୍ର ସେଣ୍ଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ କାଉନସେଲର ତଥା ଟ୍ରେନର ଡ. ଗଜେନ୍ଦ୍ର କୁମାର ନନ୍ଦ ଛାତ୍ରୀମାନଙ୍କୁ ରେଡ୍‌କ୍ରସ ବିଷୟରେ ଉଦ୍‌ବୋଧନ ଦେବା ସହ ଆଶୁ ଚିକିତ୍ସାର କୌଶଳ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ମିନତି ମହାନ୍ତ, କଳ୍ପିତା ପାଢ଼ୀ ଓ ସୁକାନ୍ତି ମହାନ୍ତ ଉପସ୍ଥିତ ଥିଲେ। ଛାତ୍ରୀ ନିବେଦିତା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୋରି ଅଭିଯୋଗରେ ଫାଇନାନ୍ସ କର୍ମଚାରୀ ଗିରଫ

ଘସିପୁରା,୧୮।୧୧(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ଥିବ ଏକ ଫାଇନାନ୍ସ ଅଫିସରୁ ଚୋରି ଅଭିଯୋଗରେ ପୋଲିସ କମ୍ପାନୀର ଶାଖା ପରିଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଶାଖା ପରିଚାଳକ ଭଦ୍ରକ ଜିଲା ଧାମନଗର ଥାନା ପଳିକିରୀ ଗ୍ରାମର ଜନ୍ମେଜୟ ଦାଶ। ତାଙ୍କ ନିକଟରୁ ୨ ଲକ୍ଷ ୨୭ ହଜାର ୩୯୪ ଟଙ୍କା, ଏକ ଲାପଟପ୍, ଟାବଲେଟ, ମୋବାଇଲ, ଗୋଟିଏ ଆଇରନ୍ କଟର୍ ମେସିନ୍, ଗୋଟିଏ ବାଇକ୍ ଜବତ କରାଯାଇଥିବା ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଆନନ୍ଦପୁର ପୌରପରିଷଦ ୭ ନଂ. ୱାର୍ଡ ଦଶରାପଦା ସାହିରେ ଏଚ୍‌ଡିବି ଫାଇନାନ୍ସ କମ୍ପାନୀୟ କାର୍ଯ୍ୟାଳୟ ରହିଛି। କମ୍ପାନୀର କର୍ମଚାରୀମାନେ ନଭେମ୍ବର ୧୧ରେ ୧୦୨ ଗ୍ରାହକଙ୍କଠାରୁ ୨ ଲକ୍ଷ ୨୭ ହଜାର ୩୯୪ ଟଙ୍କା ଆଦାୟ କରିଥିଲେ। ରବିବାର ଓ ସୋମବାର ଛୁଟି ଥିବାରୁ କର୍ମଚାରୀମାନେ କାର୍ଯ୍ୟାଳୟ ଆଲମାରିରେ ଅର୍ଥ ସହିତ ଲାପଟପ୍ ଓ ଟାବଲେଟ୍‌କୁ ରଖିଥିଲେ। ନଭେମ୍ବର ୧୪ ରେ ଅଫିସ ଖୋଲିବା ପରେ ଆଲମାରିରେ ଟଙ୍କା, ଲାପଟପ୍ ଟାବଲେଟ୍ ନଥିଲା। ଏ ନେଇ କମ୍ପାନୀର କର୍ମଚାରୀ ପ୍ରଶାନ୍ତ ଦାଶଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ପୋଲିସ ଏକ ମାମଲା (ନଂ. ୨୫୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଶାଖା ପରିଚାଳକ ଦୁଇ ଦିନ ଛୁଟି ନେଇ ରହିଥିବାବେଳେ ରାତିରେ ଆବଶ୍ୟକ ସରଞ୍ଜାମ ସହିତ କାର୍ଯ୍ୟାଳୟକୁ ଯାଇ ଚୋରିକରିଥିବା ପୋଲିସ ଖୁଲାସା କରିଛି।

# ମଧ୍ୟାହ୍ନଭୋଜନରେ ପୋକ

ଚାନ୍ଦବାଲି,୧୮।୧୧(କିଷାନ ପାତ୍ର)



ପରମାନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଗରେ ଧାରଣାରତ ଛାତ୍ର ଓ ଅଭିଭାବକ।

**ସ୍କୁଲ ଆଗରେ ଧାରଣା ଦେଲେ ଛାତ୍ରୀଛାତ୍ର, ଅଭିଭାବକ**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ପରମାନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ଭୋଜନ ସୋୟାବିନ ତରକାରିରେ ପୁଳା ପୁଳା ଧଳା ଲାଙ୍ଗୁଡିଆ ପୋକ ବାହାରିଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶନିବାର ସ୍କୁଲ ଆଗରେ ଧାରଣା ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ଏହାକୁ ମିଶାଇ ତରକାରୀରେ ୩ ଥର ପୋକ ବାହାରିଲାଣି। କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ପୂର୍ବରୁ ଗତ ଅଗଷ୍ଟ ୧୭ରେ ମଧ୍ୟାହ୍ନ ଭୋଜନରେ ପୋକ ବାହାରିବା ପରେ ପିଲାମାନଙ୍କୁ ବିସ୍କୁଟ ଖାଇବାକୁ ଦିଆଯାଇଥିଲା। ଏକଥା ଘରେ ଜଣାଇଲେ ପିଲାମାନଙ୍କୁ ତଣ୍ଟି ଚିପି ମାଡ଼ ମାରିବେ ବୋଲି ଧମକ ଦିଆଯାଇଥିଲା ବୋଲି ଛାତ୍ରୀଛାତ୍ରଙ୍କ ପକ୍ଷରୁ କୁହାଯାଇଥିଲା। ପ୍ରଧାନଶିକ୍ଷକଙ୍କୁ ବହିଷ୍କାର କରା ନ ଗଲେ ତାଙ୍କୁ ଏହି ବିଦ୍ୟାଳୟରେ ପଶିବାକୁ ଦିଆଯିବ ନାହିଁ ବୋଲ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଏସ୍‌ଏଫ୍‌ଆଇ ରାଜ୍ୟ ସାଙ୍ଗଠନିକ କମିଟି ସଭ୍ୟ ବିକାଶ ନାଥ, ଯୁବନେତା ଅଞ୍ଜନ ଦାସ, ଛାତ୍ର ନେତା ରାଜୀବ ଲୋଚନ ଯେନା, ଅଭିଭାବକ ଗୋବର୍ଦ୍ଧନ ପ୍ରଧାନ, ମନୋଜ ସେଠୀ, ନଳିନୀକାନ୍ତ ମହାଲିକ, ନାରଣ ସେଠୀ, ସୁବାସ ସେଠୀ, ସତୀଶ ପଣ୍ଡା, ରମାମଣୀ ସେଠୀ, ସଞ୍ଜୟ ସେଠୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହ ଧାରଣାରେ ସାମିଲ ଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭେନ୍ଦୁ ମହାରାଜ କହିଛନ୍ତି, ଘଟଣାର ତଦନ୍ତ ପାଇଁ ସିଆର୍‌ସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟାହ୍ନ ଭୋଜନ କମିଟି ରିପୋର୍ଟ ପ୍ରଦାନ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗହଣା କିଣି ୩ ପାଇଲେ ଇ-ସ୍କୁଟର

କେନ୍ଦୁଝର,୧୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ଭରଷାଯୋଗ୍ୟ ବିଏସ ମଲ୍‌ରେ ଥିବା କନକ ଜୁଏଲେରିରେ ଧନତେରାସ ଓ ଦୀପାବଳୀ ପାଇଁ ଆକର୍ଷଣୀୟ ରିହାତି ଚାଲୁ ରହିଛି। କନକ ଜୁଏଲେରିରୁ ୫୦ ଲକ୍ଷ ଟଙ୍କା ଗହଣା କିଣିଲେ ଏକ କାର ଓ ୭ ଲକ୍ଷ ଟଙ୍କାର ଗହଣା କିଣିଲେ ଗୋଟିଏ ଇଲେକ୍ଟ୍ରିକ ସ୍କୁଟର ମାଗଣାରେ ପ୍ରଦାନ କରାଯାଉଛି। ଶନିବାର ସ୍ଥାନୀୟ ଅଞ୍ଚଳର ମହମ୍ମଦ ସଲିମ, ସାଗରିକା ଗିରି, ଝାଡ଼ଖଣ୍ଡର ଖୁଦପଶି ଗ୍ରାମର ଅବଦୁଲ ଆହାଦ ସୁନା କିଣି ଇଲେକ୍ଟ୍ରିକ ସ୍କୁଟର ଉପହାର ସ୍ୱରୂପ ପାଇଛନ୍ତି। ତେବେ ଅଫର ଘୋଷଣା ପରେ କନକ ଜୁଏଲେରିରେ ଗ୍ରାହକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

ରୂପସା, ୧୮।୧୧(ବାଞ୍ଛାନିଧି ଦେ)



ନିମ୍ନମାନର ଛତୁଆ।

**ଅସ୍ୱାସ୍ଥ୍ୟକର ପରିବେଶରେ ଛତୁଆ ପ୍ରସ୍ତୁତ କେନ୍ଦ୍ର**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅଧୀନ ପେଗରପଡା ଗାଁରେ ଅସ୍ୱାସ୍ଥ୍ୟକର ପରିବେଶରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଅପପୁଷ୍ଟିକୁ ରୋକିବା ପାଇଁ ସରକାର ଗର୍ଭବତୀ ଓ ଛୁଆମାନଙ୍କୁ ବିନା ମୂଲ୍ୟରେ ପୁଷ୍ଟିକର ଛତୁଆ ଯୋଗାଇ ଦେବାର ନିୟମ ରହିଛି। ଛତୁଆ ଦେବା ସହ ସୁଜି, ଲଡୁ ଏବଂ ଗୁଡ ବାଦାମ ମଧ୍ୟ ବଣ୍ଟନ କରିବାର ବ୍ୟବସ୍ଥା ରହିଛି। ମାତ୍ର ଏହି ଠିକାସଂସ୍ଥା ଅତ୍ୟନ୍ତ ନିମ୍ନମାନର ଛତୁଆ ପ୍ରସ୍ତୁତ କରି ମାଲେମାଲ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି ।

ଏହି ପଞ୍ଚାୟତର ପେଗଡପଡାସ୍ଥିତ ସତ୍ୟସାଇ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁଆ ପ୍ରସ୍ତୁତ ପାଇଁ ଅନୁମତି ମିଳିଛି। ମାତ୍ର ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଅତ୍ୟନ୍ତ ନିମ୍ନମାନର ଛତୁଆ ପ୍ରସ୍ତୁତ କରି ବଣ୍ଟନ କରୁଛନ୍ତି। ଗୋଟିଏ ଛତୁଆ ପ୍ୟାକେଟର ଅଧାରୁ ଅଧିକ ଖଦ ବାହାରୁଥିବା ଦେଖିବାକୁ ମିଳିଛି। ଏହି ଛତୁଆ ଗର୍ଭବତୀ, ପ୍ରସୂତିଙ୍କ ସମେତ ପିଲାଙ୍କ ଖାଇବା ଲାଗି ଅନୁପଯୁକ୍ତ। ଛତୁଆ ପ୍ରସ୍ତୁତ କେନ୍ଦ୍ର ବାହାରେ କୁକୁର, କୁକୁଡା ବୁଲୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ଛତୁଆ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଛତୁଆରେ ଗୁଡ, ବାଦାମ ଏବଂ ଲଡୁ ତିଆରି ହେଉଥିବାରୁ ଏହାକୁ ଖାଇଲେ ପିଲାମାନଙ୍କ ଦେହ ଖରାପ ହେବାର ସମ୍ଭାବନା ରହିଛି। ଉକ୍ତ ସହାୟକ ଗୋଷ୍ଠୀରୁ ଛତୁଆ ପ୍ରସ୍ତୁତ ହୋଇ ବ୍ଲକ ଅଧୀନ ୧୬ଟି ପଞ୍ଚାୟତରେ ୨ ଶହରୁ ଅଧିକ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ବଣ୍ଟନ କରାଯାଉଛି। କିନ୍ତୁ ଏହି ଛତୁଆ ନିମ୍ନମାନର ହୋଇଥିବାରୁ ସେଗୁଡିକୁ ଗୋରୁଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି ଅନୁମତି ପାଇଥିବା ଛତୁଆ କେନ୍ଦ୍ର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଏଲ୍‌ଏଫ ସସ୍ମିତା ମହାପାତ୍ର, ବିଏଲଏଫ ଇସି ସଦସ୍ୟା ସବିତା ଦାସ, ପୂର୍ବତନ ବିଏଲ୍‌ଏଫ ସଭାପତି ଅନୁସୂୟା ବାଗ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ଏସଏଚ୍‌ଜି ସମ୍ପାଦିକା ମମତା ପାତ୍ରଙ୍କୁ ପଚରାଯିବାରୁ ସରକାରୀ ନିୟମ ଅନୁଯାୟୀ ଛତୁଆ ପ୍ରସ୍ତୁତ ହେଉଛି। ଠିକ୍‌ମାନର ଛତୁଆ ପ୍ରସ୍ତୁତ କରାଯାଇ ସମସ୍ତ କେନ୍ଦ୍ରକୁ ବଣ୍ଟନ କରାଯାଉଛି ବୋଲି ସେ କହିଛନ୍ତି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କୁ ପଚାରିବାରୁ ଅଭିଯୋଗ ମୁତାବକ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସମ୍ପୃକ୍ତ ସଂସ୍ଥାର ଲାଇସେନ୍ସ ବାତିଲ ହେବ ବୋଲି ସେ କହଛନ୍ତି।

### ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ମେଳା ଉଦ୍‌ଯାପିତ

କୁଳିଅଣା,୧୮।୧୧(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ଅଧୀନ ଭାଲିଆଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ମେଳା ଅନୁଷ୍ଠିତ ହେଇଯାଇଛି। ସଭାରେ ବିଇଓ ରଶ୍ମୀ ରଞ୍ଜନ ଗିରିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବାଙ୍ଗରିପୋଷି ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୁଖ୍ୟ ବକ୍ତାଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନୀୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଦୀପିକା ସିଂ, ଉପାଧ୍ୟକ୍ଷା ଅନିମା ସାହୁ, ଜିଲା ପରିଷଦ ସଭ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ଦୁର୍ଗାଚରଣ ମାରାଣ୍ଡି, ଗୋଡ଼ରାମ୍ପା ସରପଞ୍ଚ ଗଣେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ୮୨ ବିଦ୍ୟାଳୟ ରୁ ୧୨୯ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥି ମଧ୍ୟରୁ ଜିଲାସ୍ତରୀୟ ମେଳାକୁ ପାଞ୍ଚ ଜଣକୁ ଚୟନ କରାଯାଇଛି। ଜିଲା ଶିକ୍ଷକ ସଂଘ ସମ୍ପାଦକ ବିମଳ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଡ଼ିଗଲା ବହୁ ବିଦ୍ୟୁତ୍ ଉପକରଣ

**ଦାୟିତ୍ୱହୀନ ମରାମତି ଅଭିଯୋଗ**

ଚମ୍ପୁଆ,୧୮।୧୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଜାମୁଦକ ଅନ୍ତର୍ଗତ ଜଗନ୍ନାଥପୁରଠାରେ ଦାୟିତ୍ୱହୀନ ବିଦ୍ୟୁତ୍ ମରାମତି ଯୋଗୁ ୪୦ରୁ ଊର୍ଦ୍ଧ୍ୱ ଘରେ ବିଦ୍ୟୁତ୍ ଉପକରଣ ପୋଡ଼ିଯାଇଛି। ଏନେଇ ଗ୍ରାମବାସୀମାନେ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନଭେମ୍ବର ୧୫ ତାରିଖରେ ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମରକୁ ଇଲେକ୍ଟ୍ରିକ କଣ୍ଟ୍ରାକ୍ଟର ମରାମତି କରିଥିଲେ। ପରେ ତରବରିଆଭାବେ ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ଫଳରେ ଗ୍ରାମର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କର ୱାରିଂ, ସୁଇଚ୍ ବୋର୍ଡ, ଟିଭି, ଗ୍ରାଇଣ୍ଡର, ମୋବାଇଲ ଆଦି ପୋଡିଯାଇଥିଲା। ଏହାର ସୁବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ ନାରାୟଣ ବେହେରା କହିଛନ୍ତି, ଅଭିଯୋଗ ପାଇଛି, କର୍ମଚାରୀଙ୍କୁ ପଠାଯାଇ ପ୍ରକୃତ କାରଣ କ'ଣ ତାହା ତଦନ୍ତ କରାଯିବ। ମାତ୍ର ବିଦ୍ୟୁତ୍ ଗ୍ରାହକମାନେ ଘରେ ଆର୍ଥିଂ କରିବାକୁ ଅନୁରୋଧ କରିଛନ୍ତି। ମେନ ସୁଇଚ ଓ ଏମ୍‌ସିଭି ଲଗାଇବାକୁ କହିଥିଲେ।

# ଶୂନ୍ୟମଣ୍ଡପରୁ ଆରମ୍ଭ ହେଲା ସୋର-କୁପାରୀ ମାରାଥନ



କୁପାରୀ ଶୂନ୍ୟମଣ୍ଡପରୁ ବାହାରିଥିବା ରାଲି।

ଖଇରା, ୧୮।୧୧(ଉତ୍କଳବନ୍ଧୁ ପଣ୍ଡା)

ପରିବେଶ ସଚେତନତା ପାଇଁ ଲୋକଟିଏ-ଗଛଟିଏ ବାର୍ତ୍ତା ନେଇ ସୋର ମାରାଥନ କମିଟି ପକ୍ଷରୁ ଚୂଡାନ୍ତ ହୋଇଥିବା ସୋର-କୁପାରୀ ମାରାଥନ ଶନିବାର ଖଇରା ବ୍ଲକର ଐତିହାସିକ କୁପାରୀ ଶୂନ୍ୟମଣ୍ଡପରୁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶରତ କୁମାର ବିଶ୍ୱାଳ, ଅଧ୍ୟାପକ ଲିଙ୍ଗରାଜ କର, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, ସମିତିସଭ୍ୟ ଅକ୍ଷୟ କୁମାର ଜେନା, ବରିଷ୍ଠ ନାଗରିକ ଭଗବାନ ସାହୁ, ରତ୍ନାକର ସେଣ୍ଠ ଓ ବିରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ସମଗ୍ର ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଥିବା ବେଳେ ଏହା ଉପରେ ଯଥେଷ୍ଟ ସଚେତନତା ସହ ପର୍ଯ୍ୟାପ୍ତ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହିଭଳି ମାରାଥନ ଆୟୋଜନର ମୁଖ୍ୟ ଉଦ୍ୟୋକ୍ତା ତଥା ଚିକାଗୋ ସହରରେ ବସବାସ କରୁଥିବା ସୋରର ନିହାର ରାଉତ ଏଭଳି କାର୍ଯ୍ୟକ୍ରମ ପଛରେ ଥିବା ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୋରର ଅବଦୁଲ ରହମନ ଓ କୁପାରୀର ଆରତ ଭଞ୍ଜନ ମହାପାତ୍ର ଏହି ଦୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ରାଉତ ଓ ଅନ୍ୟମାନଙ୍କ ଦ୍ୱାରା ଏହି ମାରଥନର ଶୁଭାରମ୍ଭ ହୋଇଥିଲା। ଗଣ୍ଡିବେଡ, ଡୁଡିଗଡିଆରେ ଯୁବ, ଛାତ୍ର ଗୋଷ୍ଠୀ ଏଥିରେ ସାମିଲ ହୋଇଥିଲେ।

# ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଫେରିଲେ

ଖୁଣ୍ଟା, ୧୮।୧୧ (ଦେବରଞ୍ଜନ ବେହେରା)

**ଏକମାତ୍ର ରୋଜଗାରିଆ ପୁଅକୁ ହରାଇଲେ ପରିବାର**

ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥିଲେ ମହାରାଷ୍ଟ୍ର। ଶେଷରେ ଶବ ହୋଇ ଫେରିଲେ। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ବୃଦ୍ଧ ମା' ଆଖିରୁ ଲୁହ ଶୁଖୁନି। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ଭୋଳାଗଡ଼ିଆ ପଞ୍ଚାୟତରେ। ମୃତକ ହେଲେ ସ୍ୱର୍ଗତ ଧନୀ ମାରାଣ୍ଡିଙ୍କ ପୁଅ ସୁକୁଲ(୩୦)। ସେ କିଛିମାସ ତଳେ ଦାଦନ ଖଟିବାକୁ ଯାଇ ମହାରାଷ୍ଟ୍ରରେ ଏକ ଘରୋଇ କାରଖାନାରେ କାମ କରୁଥିଲେ। ଗତ ୧୩ ତାରିଖରେ ସେ ଅସୁସ୍ଥ ହୋଇ ପଡ଼ିବା ପରେ ତାଙ୍କର ମୃତ୍ୟୁ ଘଟିଛି। ହୃଦ୍‌ଘାତରେ ସୁକୁଲଙ୍କର ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ବୁଧବାର ତାଙ୍କ ମରଶରୀର ନିଜ ଗ୍ରାମ ଭୋଳାଗଡ଼ିଆରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଡିଓ ଗୌରାଙ୍ଗ ଚରଣ ଘୋଷ, ସରପଞ୍ଚ ନନ୍ଦ କିଶୋର ହାଁସଦା, ଓଡ଼ିଶା ଜୀବିକା ମିଶନର ଶ୍ରୀନିବାସ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ପାତ୍ର ପ୍ରମୁଖ ପହଞ୍ଚି ମୃତ ସୁକୁଲଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଏଥିସହ ଶବ ସତ୍କାର ନିମନ୍ତେ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ମୃତକଙ୍କ ପରିବାରକୁ ଅନ୍ତୋଦୟ ଯୋଜନାରେ ସାମିଲ କରାଯିବା ସହ ମୃତ ସୁକୁଲଙ୍କ ପତ୍ନୀଙ୍କୁ ଯଥାଶୀଘ୍ର ଉତ୍ତା ପ୍ରଦାନ ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଯାଇଛି । ମୃତ ସୁକୁଲଙ୍କର ଏକ ନାବାଳକ ପୁଅ, ବିଧବା ମା' ଥିବା ବେଳେ ପତ୍ନୀ ଅନ୍ତଃସତ୍ତ୍ୱା ଅଛନ୍ତି।

### ଜଳେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ପ୍ରଶିକ୍ଷଣ ଶିବିର

ଜଳେଶ୍ୱର, ୧୮।୧୧(ରବିନାରାୟଣ ପାତ୍ର)-୨୦୨୪ ନିର୍ବାଚନକୁ ଲକ୍ଷ୍ୟ କରି ବିଜେଡିର ସକ୍ରିୟ କର୍ମୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ଏକ ପ୍ରଶିକ୍ଷଣ ଶିବିର ଶଂଖ ଭବନରେ ଅନୁଷ୍ଠିତ ହୋଇଛି। ପ୍ରତି ନିର୍ବାଚନମଣ୍ଡଳୀରୁ ୨ହଜାର ସକ୍ରିୟ କର୍ମୀଙ୍କୁ ପ୍ରଶିକ୍ଷଣଭୁକ୍ତ କରାଯାଇଛି ବୋଲି ଶନିବାର ବାଲେଶ୍ୱର ଜିଲା ସଭାପତି ତଥା ମନ୍ତ୍ରୀ କହିଛନ୍ତି। ପୂର୍ବାହ୍ନରେ ୭ ଓ ୮ନଂ. ଜୋନ୍‌ର କର୍ମୀମାନଙ୍କ ପ୍ରଶିକ୍ଷଣ ଶେଷ ହୋଇଥିବା ବେଳେ ସନ୍ଧ୍ୟାରେ ମୂରଲୀ କଲ୍ୟାଣ ମଣ୍ଡପରେ ପୌର ପରିଷଦର ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଶୁକ୍ରବାର ୯ ଓ ୧୦ନଂ. ଜୋନ୍‌ର ପ୍ରଶିକ୍ଷଣ ଶେଷ ହୋଇଥିବା ବେଳେ ଆସନ୍ତା ରବିବାର ଜଳେଶ୍ୱର ନିର୍ବାଚନମଣ୍ଡଳୀ ବସ୍ତା ବ୍ଲକର ୧୪ଟି ପଞ୍ଚାୟତର କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଜଳେଶ୍ୱର ବ୍ଲକ ବିଜେଡି ସଭାପତି ଦିଲୀପ ସାମଲ ଅଧ୍ୟକ୍ଷତା କରି କର୍ମୀମାନଙ୍କୁ ସ୍ୱାଗତ ଜଣାଇଥିଲେ ।

# 'ପ୍ରଥମ ପର୍ଯ୍ୟାୟରେ ୧୭ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ'




ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

**ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ**

**ଡିସେମ୍ବର ୧୧ରୁ ମାର୍ଚ୍ଚ ୩୧ ଧାନ ସଂଗ୍ରହ**

କେନ୍ଦୁଝର,୧୮।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ୨୦୨୩-୨୪ ଖରିଫ ଧାନ କ୍ରୟ ନିମନ୍ତେ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଶନିବାର ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି କାନନବିହାରୀ ପହି ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ସରକାର କେନ୍ଦୁଝର ଜିଲା ପାଇଁ ପ୍ରଥମ ପର୍ଯ୍ୟାୟରେ ୧୭ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜିଲାପାଳ ଏଥିପାଇଁ ସବୁ ବିଭାଗ ଯଥା ଯୋଗାଣ, ସମବାୟ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କୌଣସି ଚାଷୀ ଯେପରି ଧାନ ବିକ୍ରୟ ସମୟରେ କିମ୍ବା ସେମାନଙ୍କ ପ୍ରାପ୍ୟ ପାଇବାରେ ହଇରାଣ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ଶୃଙ୍ଖଳିତ ଭାବରେ ହୋଇ ପାରିବ, ସେଥିପାଇଁ ସମସ୍ତ ଉପ ଜିଲାପାଳମାନଙ୍କୁ ତଦାରଖ କରିବା ଦାୟିତ୍ୱ ଦେଇଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଆଗାମୀ ଡିସେମ୍ବର ୧୧ରୁ କେନ୍ଦୁଝର ଏବଂ ଚମ୍ପୁଆ ସବ୍‌ଡିଭିଜନ ଓ ୧୫ରୁ ଆନନ୍ଦପୁର ସବ୍‌ଡିଭିଜନରେ ଧାନ ସଂଗ୍ରହ କେନ୍ଦ୍ର ମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହେବ। ୪୬ ଗୋଟି ଲ୍ୟାମ୍ପ ଅଧୀନରେ ୯୦ ଟି କେନ୍ଦ୍ରରେ ଧାନ ସଂଗ୍ରହ ପ୍ରକ୍ରିୟା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ସରକାରଙ୍କ ତରଫରୁ ସାଧାରଣ ମାନ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି୨୧୮୩.୦୦ ଟଙ୍କା। ଏବଂ ଗ୍ରେଡ୍ ଏ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି୨୨୦୩.୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ଅଜୟ ରଥ କହିଛନ୍ତି।

# ଦୋବଲରେ ଜମୁଛି ଶ୍ୟାମାକାଳୀଙ୍କ ପୂଜା



ପୂଜା ମଣ୍ଡପରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଅନ୍ୟମାନେ।

ଧାମନଗର,୧୮।୧୧
(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ମା' କାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି। ଦୋବଲ କାଳୀବଜାରସ୍ଥିତ ମା' ଶ୍ୟାମାକାଳୀଙ୍କ ପୂଜା ଏଥର ୫୬ ବର୍ଷରେ ପହଞ୍ଚିଛି। ପୂଜକ ଭାଗବତ ତ୍ରିପାଠୀଙ୍କ ବୈଦିକ ମନ୍ତ୍ର ଆବାହନରେ ମା' ଧରାବତରଣ କରିବା ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ ଦିବସରେ ମା'ଙ୍କ ଷୋଡ଼ଶ ଉପଚାର, ଚଣ୍ଡୀପାଠ ଆଦି ପୂଜା କରାଯାଉଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ଯୋଗୁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗୁଛି। ଶନିବାର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡା. ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲିକ, ହରେକୃଷ୍ଣ ପାଢ଼ୀ ପ୍ରମୁଖ ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କୁ ଦର୍ଶନ କରିଥିଲେ। କମିଟି ସଦସ୍ୟ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, କୃତିବାସ ତ୍ରିପାଠୀ, ଅଭିମନ୍ୟୁ ମିଶ୍ର, ହୃଦାନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଦିବସରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସ ବ୍ଲକ ସଭାପତି ରମେଶ ବେହେରା ପ୍ରମୁଖ ମା'ଙ୍କୁ ଦର୍ଶନ କରିଥିଲେ। ସେହିପରି ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗିର ଓ ଗୋବିନ୍ଦପୁର ବଜାରରେ ମଧ୍ୟ ମଣ୍ଡପରେ ମା' ଶ୍ୟାମାକାଳୀଙ୍କୁ ଆରାଧନା କରାଯାଉଛି।

